## ପିକ୍‌ଅପ୍ ଭ୍ୟାନ ଧକ୍କାରେ ନାବାଳକ ମୃତ

ସୋର, (ଡି.ଏନ୍.ଏ.)-ସୋର ନିକଟବର୍ତ୍ତୀ ଭୀମେଇ ଗ୍ରାମରେ ରବିବାର ଅପରାହ୍ନରେ ଏକ ପିକ୍‌ଅପ୍ ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ତାଙ୍କ ବୟସ ୮ବର୍ଷ ହେବ। ଈଶ୍ୱରପୁର ପଞ୍ଚାୟତ ଭୀମେଇ ଗ୍ରାମର ଦିବାକର ମଲ୍ଲିକଙ୍କ ପୁଅ ବିବେକ ତାଙ୍କର କକାଙ୍କ ସହିତ ଘର ନିକଟ ରାସ୍ତା ପାଖରେ ଛିଡ଼ା ହୋଇଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ପିକ୍‌ଅପ୍ (ନଂ.ଓଡି୦୧ଏଏଚ୍୦୫୬୨) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଗୁରୁତର ଅବସ୍ଥାରେ ତାଙ୍କୁ ସୋର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିବେକ ଷ୍ଟାଣ୍ଡାର୍ଡ୍ ୱାନ୍‌ରେ ପଢୁଥିଲେ।

### ସଂକ୍ଷେପରେ

## ସାପ କାମୁଡ଼ାରେ ବାଳକଙ୍କ ଜୀବନ ଗଲା

**ପଦ୍ମପୁର, ୧୫।୧୧(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଆନ୍ଦୋଳା ପଞ୍ଚାୟତର ଖାଣ୍ଟଖୁଆଡ଼ ଗ୍ରାମର ଜଣେ ବାଳକଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଖଗେଶ୍ୱର ମଳିକଙ୍କ ପୁଅ ସୁନୀଲ(୭)। ସୂଚନା ଅନୁସାରେ, ଶୁକ୍ରବାର ରାତିରେ ଖାଇ ବସିଥିବା ବେଳେ ବେଙ୍ଗକୁ ଗୋଡ଼ାଇ ଏକ ସାପ ଆସି ସୁନୀଲଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ନାୟକାଣିଡିହୀ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୫/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ବାଇକ୍ ଅଟକାଇ ଦମ୍ପତିଙ୍କଠାରୁ ଲୁଟ୍: ୨ ଗିରଫ

**ଭଣ୍ଡାରିପୋଖରୀ,୧୫।୧୧(ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀରୋଡ଼ ବଜାରଠାରେ ବାଇକ୍ ଅଟକାଇ ଏକ ଦମ୍ପତିଙ୍କଠାରୁ ଲୁଟ୍ ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଶେଖ୍ ଲାଲୁ ଓ ତାଙ୍କ ସ୍ତ୍ରୀ ଶୁକ୍ରବାର ବାଇକ୍‌ରେ ମଞ୍ଜୁରୀରୋଡ଼ରୁ ଘରକୁ ଫେରୁଥିଲେ। ମଞ୍ଜୁରୀରୋଡ଼ ବଜାର ନିକଟରେ ୩ ଜଣ ଯୁବକ ସେମାନଙ୍କ ଗାଡ଼ିକୁ ଅଟକାଇ ଥିଲେ। ୩ ଯୁବକ ଦମ୍ପତିଙ୍କୁ ମାରଧର କରିବା ସହ ୫ ଶହ ଟଙ୍କା ଓ ବାଇକ୍ ଛଡ଼ାଇ ନେଇ ପଳାଇ ଯାଇଥିଲେ। ଏ ନେଇ ଶେଖ୍ ଲାଲୁ ଥାନାରେ ଅଭିଯୋଗ କରିବା ପରେ ଭାରପ୍ରାପ୍ତ ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ଏକ ମାମଲା (ନଂ.୨୩୧/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଶୁକ୍ରବାର ରାତିରେ ଚଢ଼ାଉ କରି ନଆମୀ ଗ୍ରାମର ଭାଗ୍ୟପ୍ରକାଶ ମହାପାତ୍ର ଓରଫ କାଳିଆ ଓ ସାନଶାସନ ଗ୍ରାମର ଅମିତାଭ ଜେନାଙ୍କୁ ଗିରଫ କରାଯାଇଥିଲା। ଏଥିସହ ସେମାନଙ୍କ ନିକଟରୁ ବାଇକ୍ ଜବତ ହୋଇଛି।

## ଦୁର୍ଘଟଣାରେ ଲ୍ୟାମ୍ପସ କର୍ମଚାରୀ ମୃତ

**ପାଟଣା ,୧୫।୧୧(ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡା ଉଦୟପୁର ରାସ୍ତାର ଗୋଜିଟାଙ୍ଗରି ଛକ ନିକଟରେ ଶନିବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ ସାହାରପଡ଼ା ଲ୍ୟାମ୍ପର ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋଜିଟାଙ୍ଗିରି ଗ୍ରାମର ବନ୍ଧୁଆ ମହାନ୍ତ। ସେ ରାସ୍ତାରେ ଚାଲିଚାଲି ଯାଉଥିବା ବେଳେ ଏକ ବାଇକ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପାଟଣା ଥାନାରେ ଏକ ଦୁର୍ଘଟଣାଜନିତ ମାମଲା (ନଂ.୧୪୭/୨୦) ରୁଜୁ ହୋଇ ହୋଇଛି।

## ମହିଳାଙ୍କ ଆତ୍ମହତ୍ୟା

**ରୂପ୍‌ସା,୧୫।୧୧(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ଆଙ୍କୋ ଗ୍ରାମର ମନୋରଞ୍ଜନ ଦାସଙ୍କ ସ୍ତ୍ରୀ ବର୍ଷାରାଣୀ (୨୬) ଶନିବାର ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୯/୨୦) ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି। ୨୦୧୪ରେ ମନୋରଞ୍ଜନ ରୂପ୍‌ସା ଥାନା ଜହତା ଗ୍ରାମର ବର୍ଷାରାଣୀଙ୍କୁ ପ୍ରେମ ବିବାହ କରିଥିଲେ। ପାରିବାରିକ କଳହକୁ କେନ୍ଦ୍ର କରି ବର୍ଷାରାଣୀ ମାନସିକ ଭାରସାମ୍ୟ ହରାଇ ବେଡରୁମ୍‌ରେ ବେକରେ ଆପ୍ରୋନ ଦେଇ ଫାଶୀ ହୋଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଖବରପାଇ ଥାନାଧିକାରୀ କମଳାକାନ୍ତ ଦାସ, ଏଏସ୍ଆଇ ନରହରି ମହାଳିକ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ମୃତ ମହିଳାଙ୍କର ୬ବର୍ଷର ଶିଶୁପୁତ୍ର ଅଛି।

## ଉପଖଣ୍ଡ ଚିକିତ୍ସାଧିକାରୀଙ୍କ ପରଲୋକ

**ବାରିପଦା ଅଫିସ/ ରାଇରଙ୍ଗପୁର,୧୫।୧୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନା ଚିକିତ୍ସାଧିକାରୀ ଡା.ଶତୀଶ ଚନ୍ଦ୍ର ମହାନ୍ତ(୫୯)ଙ୍କ ଶନିବାର ପରଲୋକ ଘଟିଛି। କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହୋଇ ସେ ପଶ୍ଚିମବଙ୍ଗର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତଦେହ ରାଇରଙ୍ଗପୁରରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ଶିକ୍ଷୟିତ୍ରୀ ମମତା ମହାନ୍ତ ଓ ଏକମାତ୍ର ପୁତ୍ର ଅମ୍ଳାନଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

# କରୋନା କଟକଣାରେ କାଳୀପୂଜା

**ବାରିପଦା ଅଫିସ/ ବାଙ୍ଗିରିପୋଷି/କୁଆମରା/ କପ୍ତିପଦା(ଡି.ଏନ.ଏ),୧୫।୧୧**

ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ କୋଭିଡ୍ ନିୟମକୁ ପାଳନ କରି ନିରାଡ଼ମ୍ବର ଭାବେ କାଳୀପୂଜା ଅନୁଷ୍ଠିତ ହୋଇଯାଇଛି। ବାରିପଦା ସହରର କାଳୀ ମାର୍କେଟ, ଷ୍ଟେଶନ ବଜାର, ଷ୍ଟେଟ ବ୍ୟାଙ୍କ ଛକ, ବାଘଡ଼ାରୋଡ ଆଦି ମଣ୍ଡପଗୁଡ଼ିକରେ ଯଥାବିଧି ପୂଜା ଅନୁଷ୍ଠିତ ହୋଇଥିଲା। ମଣ୍ଡପର ତିନିପାଖ ଆବଦ୍ଧ କରାଯାଇଥିବା ବେଳେ ଭକ୍ତଙ୍କ ଦର୍ଶନକୁ ବାରଣ କରାଯାଇଥିଲା।

ବାଙ୍ଗିରିପୋଷି ବ୍ଲକ ଅଧୀନ କଳାବାଡ଼ିଆ ପଞ୍ଚାୟତର ଜଗନ୍ନାଥଖୁଣ୍ଟା, ବୁଢ଼ାମାରା ରେଲେୱ ଷ୍ଟେଶନ, ଗୋଲାମୁଣ୍ଡାକଟା ପଞ୍ଚାୟତର ସିମିଳା, ଚନ୍ଦନପୁର ପଞ୍ଚାୟତର ବେଢ଼ାକୁଦର, ଭୁଆଶୁଣି, କୁସୁମବନ୍ଧରେ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ବାଙ୍ଗିରିପୋଷି ଷ୍ଟେଶନ କାଳୀପୂଜା କମିଟି ସଭାପତି ଅମୁଲ୍ୟ କୁମାର ଦାସ,ସମ୍ପାଦକ ଆନନ୍ଦ କୁମାର ଧଳ, କୋଷାଧ୍ୟକ୍ଷ ଗଙ୍ଗାଧର ନାଏକ, ଉପଦେଷ୍ଟା ଶାନ୍ତନୁ କୁମାର ଦାଶ, ମହେଶ କୁମାର ଶର୍ମା, ପ୍ରଭାତ ଘୋଷ,ବିଶ୍ୱଜିତ ଶର୍ମା,ରବୀନ୍ଦ୍ର ମହାନ୍ତ,ପ୍ରହ୍ଲାଦ ନାଏକ, ସୁଶିଲ ନାଏକ, କଟି ନାଏକଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି କରୋନା କଟକଣା ମଧ୍ୟରେ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ ।


ବାଙ୍ଗିରିପୋଷିର ଏକ ମଣ୍ଡପରେ ମା'ଙ୍କ ପୂଜା

ସେହିପରି ଗୋପବନ୍ଧୁ ନଗର ବ୍ଲକର କୁଆମରା ହାଟଠାରେ କାଳୀପୂଜା ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ସିଦ୍ଧେଶ୍ୱର ଦାସଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ନିତ୍ୟାନନ୍ଦ ମହାନ୍ତି କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଖୁଣ୍ଟାଠାରେ ସଭାପତି ହୃଦୟ ରଞ୍ଜନ ମହାକୁଡ଼ ଓ ସମ୍ପାଦକ ବିରଞ୍ଚି ମହାକୁଡ଼ଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଛି।

କପ୍ତିପଦା ବଜାରରେ ସାର୍ବଜନୀନ କାଳିପୂଜା ୧୦୬ବର୍ଷରେ ପଦାର୍ପଣ କରିଛି । କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ ପ୍ରତାପ ଚନ୍ଦ୍ର ହାତୀ । ବଣିକ ସଂଘର ସଭାପତି ସୁବାଷ ଚନ୍ଦ୍ର ସାଏ, ସମ୍ପାଦକ ରଞ୍ଜନ ଦାସ, ଲକ୍ଷ୍ମୀଧର ନାୟକ ଓ ସ୍ଥାନୀୟ ଯୁବ ଗୋଷ୍ଠୀ ତଥା ବଣିକ ସଂଘ ଆନୁକୂଲ୍ୟରେ ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିଲା । ସେହିଭଳି ଶରତ ଓ ଶାଳଚୁଆରେ ମଧ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା।

## ବାବା ଆଖଣ୍ଡଳମଣି ମନ୍ଦିରରେ ଉଠିଲା ମହାଦୀପ


ଆରଡ଼ି ଆଖଣ୍ଡଳମଣି ମନ୍ଦିର ଚୂଡ଼ାକୁ ମହାଦୀପ ଉଠାଯାଉଛି।

**ଆରଡ଼ି,୧୫।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିରେ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଶନିବାର ରାତି ସାଢ଼େ ୯ଟାରେ ଉଠିଥିଲା ମହାଦୀପ। କୋଭିଡ୍ କଟକଣା ଥିବାରୁ ପୀଠରେ ଭକ୍ତଙ୍କ ସମାଗମ ହୋଇ ନ ଥିଲା। ସୂଚନା ଅନୁଯାୟୀ, ଭୋର ୫ଟାରେ ମଙ୍ଗଳ ଆଳତି ପରେ ବାବାଙ୍କ ପାଖରେ ଦୀପାବଳି ପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ବାବାଙ୍କୁ ବଡ଼ସିଂହାର ବେଶରେ ସଜ୍ଜିତ କରିବା ପରେ ମହାଦୀପ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା। ରାତି ସାଢ଼େ ୮ଟାରେ ମନ୍ଦିର ଗର୍ଭଗୃହକୁ ମହାଦୀପ ନିଆଯାଇଥିଲା। ସେଠାରେ ପୂଜକମାନେ ଏହାକୁ ଶୁଦ୍ଧ କରିବା ସହ ବାବା ଆଖଣ୍ଡଳମଣିଙ୍କୁ ସମର୍ପଣ କରିଥିଲେ। ରାତି ପ୍ରାୟ ୯ଟା ବେଳେ ସେଠାରୁ ମହାଦୀପକୁ ସେବାୟତମାନେ ବେଢ଼ାରେ ୭ ଥର ବୁଲାଇଥିଲେ। ଶେଷରେ ସେବାୟତମାନଙ୍କ ହରିବୋଲ, ହୁଳହୁଳି, ଘଣ୍ଟ ଧ୍ୱନି ମଧ୍ୟରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଥିଲା। ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକଙ୍କ ସମେତ ଫାଣ୍ଡିର ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ବ୍ଲାକ କୋବ୍ରା ଚାମ୍ପିୟନ


୨ ଦଳର ଖେଳାଳି ଓ କମିଟିର କର୍ମକର୍ତ୍ତା।

### ମା' ବାସୁଳୀ କ୍ରିକେଟ ଟୁର୍ନାମେଣ୍ଟ

**ଖଇରା, ୧୫।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁ ମିନି ଷ୍ଟାଡିୟମରେ ଚାଲିଥିବା ମା ବାସୁଳୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଶାଳଗଡିଆ ବ୍ଲାକ କୋବ୍ରା ହରିଚନ୍ଦନପୁର ଟିମ୍‌କୁ ୮ ରନରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଶାଳଗଡିଆ ନିର୍ଦ୍ଧାରିତ ୨୦ ଓଭରରେ ୧୪୫ ରନ ସଂଗ୍ରହ କରିଥିଲା । ଜବାବରେ ହରିଚନ୍ଦନପୁର ୨୦ଓଭରରେ ୯ ଉଇକେଟ ହରାଇ ୧୩୭ରନ କରି ପରାଜୟର ସମ୍ମୁଖୀନ ହୋଇଥିଲା। ଅଶୋକ ମହାପାତ୍ର ଓ ବିଶ୍ୱନାଥ ଗାହାଣ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ବାସୁଳୀ କ୍ରିକେଟ କମିଟି ମୁଖ୍ୟ ଗୌତମ ରାଉତ ବିଜୟୀ ଦଳକୁ ଟ୍ରଫି ସହ ୩ ହଜାର ଓ ରନର୍ସଅପ ଦଳକୁ ୨ହଜାର ଟଙ୍କା ପ୍ରଦାନ କରିଥିଲେ। ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଭିଡିଓ କନଫରେନ୍ସି ମାଧ୍ୟମରେ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ। ବିକାଶ ଦାସ, ଅଶୋକ ମହାପାତ୍ର, ତପନ ରାଉତ, ସମୀର ରାଉଳ, ତପନ ମହାନ୍ତିଙ୍କ ସମେତ ସମସ୍ତ ସଭ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ପାନ ଦୋକାନୀଙ୍କ ମାଡ଼ରେ ଯୁବକ ମୃତ

**ରେମୁଣା,୧୫।୧୧(ଡି.ଏନ.ଏ.)**

ରେମୁଣା ଥାନା ଅଧୀନ ଇମାମୀ ପେପର ମିଲ୍ସ ନିକଟରେ ଶୁକ୍ରବାର ରାତିରେ ଗଣ୍ଡଗୋଳ ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଖରିଦମୁଖୁରା ପଞ୍ଚାୟତ ଗୋବିନ୍ଦପୁର ଗାଁର ରାଜେନ୍ଦ୍ର ମାହାର୍ଣ୍ଣା (୩୨)। ରେମୁଣା ଥାନା ଧୋବେଇଡି ଗାଁର ବିଶ୍ୱନାଥ ପୃଷ୍ଟି (୫୨) ଇମାମୀ ଛକରେ ପାନ ଦୋକାନ କରିଛନ୍ତି । ରାତି ପ୍ରାୟ ୯ଟା ସମୟରେ କୌଣସି କଥାକୁ ନେଇ ଗୋବିନ୍ଦପୁର ଗାଁର ରାଜେନ୍ଦ୍ର ଓ ପାନ ଦୋକାନୀ ବିଶ୍ୱନାଥ ମଧ୍ୟରେ ବଚସା ହୋଇଥିଲା । ରାଜେନ୍ଦ୍ର ହାତରେ ଏକ ଟେକା ଧରି ମାଡ଼ି ଆସିବାରୁ ବିଶ୍ୱନାଥ ତାଙ୍କ ଦୋକାନ ଆଗରେ ପଡ଼ିଥିବା ଏକ ବେଞ୍ଚକୁ ତାଙ୍କ ଉପରକୁ ଫିଙ୍ଗି ଦେଇଥିଲେ। ବେଞ୍ଚ ରାଜେନ୍ଦ୍ରଙ୍କ ଦେହରେ ବାଜିବାରୁ ସେ ତଳେ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ରେମୁଣା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ସମ୍ପର୍କରେ ରେମୁଣା ଥାନାରେ ଏକ ହତ୍ୟା ମାମଲା(ନଂ.୧୮୩/୨୦୨୦) ରୁଜୁ ହୋଇଛି। ବିଶ୍ୱନାଥଙ୍କୁ ଗିରଫ କରାଯାଇ ରବିବାର କୋର୍ଟଚାଲାଣ କରାଯାଇଛି । ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିପାରିଛି।

## ପ୍ରତିବାଦରେ ଖଣି ଗେଟ୍ ବନ୍ଦ


ଧାରଣାରେ ବସିଥିବା ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

### ଗାଡ଼ି ଧକ୍କାରେ ୨ ଭଉଣୀ ଗୁରୁତର

**ଯୋଡା,୧୫।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ତଥା ଯୋଡା ପୌରପାଳିକାର ୧୪ ନଂ ୱାର୍ଡରେ ଥିବା ବିଛାକୁଣ୍ଡିଠାରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଜଣା ଗାଡି ଧକ୍କାରେ ଦୁଇ ଭଉଣୀ ଗୁରୁତର ହୋଇପଡିଥିଲେ। ସେମାନେ ହେଲେ ବିଚ୍ଛୁଟି ନାଏକ, ସୁଇଟି ନାଏକ। ଦୀପାବଳି ପାଇଁ ଜିନିଷ କିଣି ଯୋଡା ବଜାରରୁ ବିଛାକୁଣ୍ଡି ଯିବାବେଳେ ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଉଭୟଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ତାଙ୍କ ସହିତ ସ୍କୁଟିରେ ବସିଥିବା ଅନ୍ୟ ଦୁଇଜଣ ଶିଶୁ ସାମାନ୍ୟ ଆହତ ହୋଇଛନ୍ତି। ତେଣେ ବିଛାକୁଣ୍ଡିରେ ଥିବା ଏକ ଖଣିର ମୁଖ୍ୟ ଫାଟକରେ ସିସିଟିଭି ଲାଗିଥିଲେ ହେଁ, ପୋଲିସ କାହିଁକି ଏପର୍ଯ୍ୟନ୍ତ ଅନୁସନ୍ଧାନରେ ବିଳମ୍ବ କରୁଛି। ଏହାର ପ୍ରତିବାଦରେ ରବିବାର ସକାଳ ୯ଟାରେ ଅଞ୍ଚଳବାସୀ ଫାଟକ ସମ୍ମୁଖରେ ଧାରଣାରେ ବସି ପ୍ରତିବାଦ କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସେମାନଙ୍କୁ ପ୍ରତିଶ୍ରୁତି ଦେବାପରେ ସେମାନେ ଧାରଣାରୁ ଓହରିଥିଲେ।

# ଜନଶୂନ୍ୟ କାଳୀପଡ଼ିଆ

**କେନ୍ଦୁଝର, ୧୫।୧୧(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ସଦର ମହକୁମାରେ ଶନିବାର ବିଳମ୍ବିତ ରାତିରୁ କୋଭିଡ୍ କଟକଣା ମଧ୍ୟରେ କାଳୀପୂଜା ଆରମ୍ଭ ହୋଇଛି। ଚଳିତ ବର୍ଷ କରୋନା ଏହି କାଳୀପୂଜାର ମେଳା, ମୀନାବଜାର, ଅପେରାକୁ ବନ୍ଦ କରି ଦେଇଛି। ପୁରା କାଳୀପଡିଆ ଖାଁ ଖାଁ ଲାଗୁଛି। ଚଳିତ ବର୍ଷ କେବଳ ଶାସ୍ତ୍ରମତେ ପୂଜା ଆରମ୍ଭ ହୋଇଛି। ଶନିବାର ବିଳମ୍ବିତ ରାତିରେ ମା'ଙ୍କୁ ଆବାହନ କରାଯାଇଥିଲା। କାଳୀତୀର୍ଥ, ଟେଲିଫୋନ୍ ଏକ୍ସଚେଞ୍ଜ ନିକଟସ୍ଥ କାଳୀପୂଜା କମିଟି ଓ କାଶିପୁର ଶ୍ମଶାନକାଳୀଙ୍କ ନିକଟରେ ବିଧିବିଧାନ ମୁତାବକ ପୂଜାକାର୍ଯ୍ୟ ସମ୍ପନ୍ନ କରାଯାଇଛି। କେନ୍ଦୁଝର ସହର ଉପକଣ୍ଠ ସିଦ୍ଧମଠ, ମାଧପୁର କାଳୀମନ୍ଦିର ଏବଂ ସରାସଠାରେ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଛି। କେନ୍ଦୁଝର କାଳୀପଡ଼ିଆର କାଳୀପୂଜା ଚଳିତ ବର୍ଷ ୮୦ ବର୍ଷରେ ପଦାର୍ପଣ କରିଛି। ଏଠାରେ ଚଳିତ ବର୍ଷ ସାତ ଦିନ ଧରି ମା'ଙ୍କର ପୂଜା ଅନୁଷ୍ଠିତ ହେବ। ପ୍ରାୟ ୧୫ ଦିନ ଧରି ଏଠାରେ ମୀନାବଜାର ଓ ମେଳା ଅନୁଷ୍ଠିତ ହୋଇଥାଏ। ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ଚାରି ଫୁଟର ମୂର୍ତ୍ତି କରାଯାଇଥିବାବେଳେ ଭକ୍ତଙ୍କର ଦର୍ଶନକୁ ବାରଣ କରାଯାଇଛି ବୋଲି କାଳୀ ତୀର୍ଥର ସମ୍ପାଦକ ଦୀପକ ମିଶ୍ର ପ୍ରକାଶ କରିଛନ୍ତି ।

## ୨ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାରିପଦା ଅଫିସ,୧୫।୧୧**

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ତାରାକୋଟି ଗ୍ରାମରୁ ରବିବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ସେହି ଗ୍ରାମର ସନ୍ଦୀପ ହାଁସଦା। ସେହିପରି ବାରିପଦା ସଦର ଥାନା ଅଧୀନ ଲକ୍ଷ୍ମୀପୁର ଗ୍ରାମରୁ ଅନ୍ୟ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ମଦନ ସିଂ। ଏନେଇ ଉଭୟ ଥାନା ପୋଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଲକ୍ଷାଧିକ ଟଙ୍କାର ଲୁହାପଥର ଜବତ

**ଯୋଡା, ୧୫।୧୧(ଡି.ଏନ.ଏ.)**

ଖଣିଅଞ୍ଚଳରେ ବୃଦ୍ଧିପାଉଥିବା ଖଣିଜ ଚୋରା କାରବାରକୁ ରୋକିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ଚୋରା କାରବାରକୁ ନିୟନ୍ତ୍ରଣ କରିବାରେ ବିଫଳ ହେଉଛନ୍ତି। ଗତ ଶୁକ୍ରବାର ପୂର୍ବାହ୍ନରେ ଯୋଡା ସହର ଉପକଣ୍ଠ କଳାପାହାଡ ଛକ ନିକଟରେ ଥିବା ରାଇକା ଜଙ୍ଗଲ ରାସ୍ତା ନିକଟରେ ଚୋରାରେ ଉତ୍ତୋଳନ କରାଯାଇଥିବା ବେଆଇନ ଖଣିଜ ଉପରେ ଖଣି ବିଭାଗ ଓ ପୋଲିସ ମିଳିତ ଚଢାଉ କରିଥିଲେ। ପ୍ରାୟ ଶହେ ତିରିଶ ମେଟ୍ରିକ ଟନ୍ ଲୁହାପଥରକୁ ଜବତ କରାଯାଇ ଖଣି ବିଭାଗ ନିଜ ଅକ୍ତିଆରକୁ ନେଇଥିଲା। ଏହି ଚଢାଉରେ ଯୋଡା ଖଣି ବିଭାଗର ମାଇନିଂ ଅଫିସର ଦିପକ ଦୁରୁଆ, ଆସିଷ୍ଟାଣ୍ଟ ମାଇନିଂ ଅଫିସର ଏସ୍.କେ ବିଶୋଇ, ମାଇନିଂ ଇନିସ୍ପେକ୍ଟର ଅନ୍ତର୍ଯ୍ୟାମୀ ସାହୁ, ନେତ୍ରାନନ୍ଦ ନାଏକ ଓ ଯୋଡା ଥାନା ଆଇଆଇସି ରାଇସେନ ମୁର୍ମୁଙ୍କ ସମେତ ପୋଲିସ ଫୋର୍ସ ରହିଥିଲେ। ଏହି ଚୋରା ଲୁହାପଥରର ଆନୁମାନିକ ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଯୋଡା ଯୁଗ୍ମ ନିର୍ଦ୍ଦେଶକ ସଲିଲ କୁମାର ବେହେରା କହିଛନ୍ତି।

## ବାଣ ନିଆଁରେ ଜଳିଗଲା ଟାଇଲ ଗୋଦାମ

**ରେମୁଣା,୧୫।୧୧(ଡି.ଏନ.ଏ.)**

କରୋନା ବ୍ୟାପିବା ଆଶଙ୍କା କରି ଦୀପାବଳୀରେ ବାଣ ଫୁଟାଇବା ଉପରେ ସରକାର କଟକଣା ଜାରିକରିଥିଲେ। ଏହାକୁ ନ ମାନି ଲୁଚାଛପାରେ ବାଣ ଫୁଟାଯାଇଥିବା ଦେଖିବାକୁ ମିଳିଥିଲା। ଶିଳ୍ପାଞ୍ଚଳ ଥାନା ଅଧୀନ ତେନ୍ତୁଳିଆ ଠାକୁରାଣୀ ମନ୍ଦିର ନିକଟ ଯୋଗେଶ୍ୱରପୁର, ଜାନୁଗଞ୍ଜଠାରେ ଥିବା ଗୁରୁପଦ ଟ୍ରେଡର୍ସ ନାମକ ଏକ ଟାଇଲ ଗୋଦାମରେ ନିଆଁ ଲାଗିଯାଇଥିଲା। ଶନିବାର ବିଳମ୍ବିତ ରାତିରେ ଘଟିଥିବା ଏହି ଦୁର୍ଘଟଣାରେ ପ୍ରାୟ ୨୫ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଟାଇଲ ନଷ୍ଟ ହୋଇଥିବା ଟ୍ରେଡର୍ସ ମାଲିକ ଦିଲୀପ କୁମାର ମହାନ୍ତି କହିଛନ୍ତି। ଏକ ଆକାଶଛତା ଖସି ଟାଇଲ ଗଚ୍ଛିତ ଗୋଦାମ ଉପରେ ଘୋଡାଯାଇଥିବା ପଲିଥିନରେ ପଡ଼ି ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ବାଲେଶ୍ୱରରୁ ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। କଭର ସବୁ ପୋଡ଼ିଯିବା ସାଙ୍ଗକୁ ପେଟି ପେଟି ଟାଇଲ ପୋଡ଼ି କଳା ପଡ଼ିଯାଇଛି ।

## ଚକ୍ରଧରଙ୍କ ଘରେ ଦୀପାବଳି ପାଳିଲେ ମନ୍ତ୍ରୀ


ଚକ୍ରଧରଙ୍କ ପରିବାର ସହ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଦୀପାବଳି ପାଳୁଛନ୍ତି।

**ଖଇରା, ୧୫।୧୧(ଡି.ଏନ.ଏ.)**

ରାଜ୍ୟ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଚଳିତବର୍ଷ ଦୀପାବଳି ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତ ସୁନ୍ଦରପୁର ଗ୍ରାମରେ ଅସହାୟ ବୃଦ୍ଧ ଚକ୍ରଧର ନାଇକଙ୍କ ପରିବାର ସହ ପାଳିଛନ୍ତି । ପ୍ରଥମେ ମନ୍ତ୍ରୀ ଦୀପ ଲଗାଇବା ପରେ ଚକ୍ରଧର ଓ ତାଙ୍କ ପତ୍ନୀ ସରସ୍ୱତୀଙ୍କୁ ନୂତନ ବସ୍ତ୍ର ପ୍ରଦାନ କରିଥିଲେ। ମନ୍ତ୍ରୀ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଆଗାମୀ ଦିନରେ ସୁବିଧା ଅସୁବିଧାରେ ରହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଉକ୍ତ ଉତ୍ସବରେ ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତି, ନୟାଖଣ୍ଡି ପଞ୍ଚାୟତ ବିଜେଡି ସଭାପତି ଲମ୍ବୋଦର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତ, ୱାର୍ଡକୁ ଯିବେ ନେତା ଓ କର୍ମୀ

**ବାଲେଶ୍ୱର ଅଫିସ,୧୫।୧୧**

ବାଲେଶ୍ୱର ଆଇଟିଆଇ ଛକ ନିକଟସ୍ଥ ବିଜେଡି ଜିଲା ସଭାପତିଙ୍କ କାର୍ଯ୍ୟାଳୟରେ ରବିବାର ସନ୍ଧ୍ୟାରେ ବିଜୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଉପନିର୍ବାଚନରେ ବିଜୟ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ମନ୍ତ୍ରୀ, ନେତା, ପର୍ଯ୍ୟବେକ୍ଷକ ଓ କର୍ମୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ସୋମବାରଠାରୁ ସମସ୍ତ ପଞ୍ଚାୟତ ଓ ୱାର୍ଡ଼କୁଯାଇ ଅଞ୍ଚଳର ସମସ୍ୟାକୁ ବୁଝି ସମାଧାନ କରିବା ପାଇଁ ସ୍ଥିର ହୋଇଛି।

ସମାବେଶରେ ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ସଭାପତିତ୍ୱ କରିଥିଲେ। ବାଲେଶ୍ୱର ନିର୍ବାଚନମଣ୍ଡଳୀର ଭୋଟରମାନେ ମୁଖ୍ୟମନ୍ତ୍ରୀଙ୍କୁ ଭରସା କରି ଦଳୀୟ ପ୍ରାର୍ଥୀଙ୍କୁ ବିଜୟ କରିଥିବାରୁ ୱାର୍ଡକମିଟିମାନ ଗଠନ କରାଯାଇ ଲୋକମାନଙ୍କ ସହମତିରେ ବିକାଶ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶକୁ ପାଳନ କରାଯିବ ବୋଲି ପ୍ରକାଶ କରିଛନ୍ତି। ଏହି ଅବସରରେ ବିଜେଡି ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ବାଲେଶ୍ୱର ନିର୍ବାଚନମଣ୍ଡଳୀର ଭୋଟରଙ୍କୁ ଧନ୍ୟବାଦ ଦେବା ସହ ମହାମାରୀ କରୋନା ସମୟରେ ଭୋଟ୍ ଦେଇଥିବାରୁ ଅଞ୍ଚଳକୁ ବିକାଶ କରିବାରେ ପ୍ରାଥମିକତା ରହିଛି। ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରତାପ ଜେନା କହିଥିଲେ ଯେ, ନିର୍ବାଚନରେ ଯେପରି କମିଟି ପ୍ରସ୍ତୁତ କରି ଓ କର୍ମୀଙ୍କ ସହାୟତାରେ ବିଜୟ ହୋଇଛୁ, ସେହିପରି ଅଞ୍ଚଳର ବିକାଶ କରାଯିବ। ବିଜେଡି କଥାରେ ନୁହେଁ, କାର୍ଯ୍ୟର ସଫଳ ରୂପାୟନ କରିଥାଏ। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପ୍ରତାପ ଦେବ, ଦେବୀ ପ୍ରସାଦ ମିଶ୍ର, ନବ ନିର୍ବାଚିତ ବିଧାୟକ ସ୍ୱରୂପ ଦାସ, ବିଧାୟକ ଅନନ୍ତ ଦାସ, ବର୍ଷିଆନ ନେତା ଅରୁଣ ଦେ, ବରିଷ୍ଠ ବିଜେଡି ମହିଳା ନେତ୍ରୀ ସୁବାସିନୀ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ।


ସମାବେଶରେ ପୂର୍ବତନ ଏମ୍‌ପି ତଥା ବିଜେଡି ଜିଲା ସଭାପତି ରବୀନ୍ଦ୍ର ଜେନା ଉଦ୍‌ବୋଧନ ଦେଉଛନ୍ତି।

### ବିଜେଡି ପକ୍ଷରୁ ବିଜୟ ସମାବେଶ

## ଘରେ ପଶିଗଲା ଟ୍ରକ୍

ଢେଙ୍କିକୋଟ, (ଡି.ଏନ.ଏ.)-କେନ୍ଦୁଝର ଜିଲା ଢେଙ୍କିକୋଟ ଠାରେ ଥିବା ଜାତୀୟ ରାଜପଥ ୨୦ ନଂର ଅଧା ଗଢ଼ା ଓଭର ବ୍ରିଜରେ ୫୦ ଫୁଟ ତଳକୁ ଏକ ୧୨ ଚକିଆ ଟ୍ରକ୍ ଭାରସାମ୍ୟ ହରାଇ ଖସିପଡି ଏକ ଘରଭିତରେ ପଶିଯାଇଛି। ଫଳରେ ଘରେ ଥିବା ପରିବାର ଲୋକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏନେଇ ଘରେ ରହୁଥିବା ଅରୁଣ ମହାନ୍ତି ଢେଙ୍କିକୋଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡା ଘଟଣା ସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରିଛନ୍ତି। ଘଟଗାଁ ଥାନା ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ଅନ୍ତେବାସୀଙ୍କୁ ଭେଟିଲେ ଏମ୍‌ପି

**ବାସୁଦେବପୁର, ୧୫।୧୧(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ସହରର ବାଲିନଗରଠାରେ ବାସନ୍ତୀ ବାଲାଜୀ ଟ୍ରଷ୍ଟ ଆନୁକୂଲ୍ୟରେ ଗଠିତ ଜରାନିବାସର ଅନ୍ତେବାସୀଙ୍କୁ ଶନିବାର ଅପରାହ୍ଣରେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଭେଟି ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ଏହି ଅବସରରେ ଏମ୍‌ପି ମଣ୍ଡଳ ଅନ୍ତେବାସୀଙ୍କୁ ଶୀତବସ୍ତ୍ର ସହିତ ନୂତନ ବସ୍ତ୍ର ପ୍ରଦାନ କରିଛନ୍ତି। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବାସନ୍ତୀ ବାଲାଜୀ ଟ୍ରଷ୍ଟର ଟ୍ରଷ୍ଟି ତଥା ସଭାପତି ବାସନ୍ତୀ ମଲିକ, ସମ୍ପାଦକ ମଦନ ବାରିକ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ପୂର୍ବତନ ସରପଞ୍ଚ ଭାଗୀରଥି ବଳ, ପୂର୍ବତନ କାଉନସିଲର ଭାଗୀରଥି ନାୟକ, ଶଶୀଭୂଷଣ ବାରିକ, ଚନ୍ଦ୍ରକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ବାସୁଦେବପୁର, ଭଦ୍ରକ ତଥା ଜିଲା ବାହାରର ୧୫ରୁ ଊର୍ଦ୍ଧ୍ୱ ଅନ୍ତେବାସୀ ଏହି ଜରାନିବାସରେ ରହିଆସୁଛନ୍ତି।

### ଶିଶୁକନ୍ୟାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ବାରିପଦା,୧୫।୧୧:** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ଅଞ୍ଚଳର ଜଣେ ୪ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ନିର୍ମମ ହତ୍ୟା ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଞ୍ଚଳରେ ଶନିବାର ପୁଣି ଏକ ଲଜ୍ଜାଜନକ ଘଟିଛି।



ସନ୍ଧ୍ୟାରେ ସମସ୍ତେ ଦୀପାବଳି ପାଳନରେ ବ୍ୟସ୍ତ ଥିବା ବେଳେ ଜଣେ ଯୁବକ ୪ବର୍ଷର ଶିଶୁ କନ୍ୟାଙ୍କୁ ବଜାର ବୁଲାଇ ନେବା ବାହାନାରେ ଜଙ୍ଗଲକୁ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ପୋକ୍‌ସୋ ଆକ୍ଟରେ ଏକ ବଳାତ୍କାର ମାମଲା (ନଂ. ୮୦୦/୧୨) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଶିବ ସିଂ। ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଛି।

ଶିଶୁ କନ୍ୟା ଜଣକ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ରାତି ୯ଟା ସମୟରେ ଶିବ ତାଙ୍କୁ ଧରି ଘରକୁ ଫେରିବା ପରେ ଶିଶୁ କନ୍ୟା ଜଣକ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ପିଆର୍‌ଏମ୍ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଫିସର ବୀରେନ୍ଦ୍ର ସେନାପତି କହିଛନ୍ତି।

### କବାଟ ଭାଙ୍ଗି ଘରୁ ଚୋରି

**ଢେଙ୍କିକୋଟ, ୧୫।୧୧(ଡି. ଏନ.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଶନିବାର ବିଳମ୍ବିତ ରାତିରେ ମମଣ୍ଡଳ ସାହି ସ୍ଥିତ ଚନ୍ଦ୍ରଶେଖର ରଥଙ୍କ ଘରେ ଭଡାରେ ରହୁଥିବା ବ୍ୟକ୍ତିଙ୍କ ଝରକା କବାଟ ଭାଙ୍ଗି ଚୋର ମାନେ ବିଭିନ୍ନ ଜିନିଷ ପତ୍ର ଚୋରି କରିଥିବା ଅଭିଯୋଗ ହୋଇଛି। ଭଡ଼ାଟିଆ ଜଣଙ୍କ ଚାବି ପକାଇ ଗାଁକୁ ଯାଇଥିବାବେଳେ ଏପରି ଘଟଣା ଘଟିଛି।

# ଇସ୍ପାତ ଜିଲା ସ୍ୱପ୍ନ ଅଧୁରା

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର,୧୫।୧୧**

■ଭିତ୍ତିଭୂମି ଥାଇ ହେଉନି ବିକାଶ
■ଏମ୍‌ଓୟୁ ସ୍ୱାକ୍ଷରରେ ଅଟକିଛି କେନ୍ଦୁଝରବାସୀଙ୍କ ଆଶା

ଲୁହାପଥର, ମାଙ୍ଗାନିଜ ଭଳି ଖଣିଜସମ୍ପଦରେ ଭରପୂର କେନ୍ଦୁଝର ଜିଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା ସ୍ୱପ୍ନ ହୋଇ ରହିଯାଇଛି। ଜିଲାରେ ତିନୋଟି ବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା ସହିତ ଅନ୍ୟାନ୍ୟ ଶିଳ୍ପର ସମ୍ପ୍ରସାରଣ ପାଇଁ ସରକାର ଏମ୍‌ଓୟୁ ସ୍ୱାକ୍ଷର କରି ଏହି ଜିଲାକୁ ଏକ ଇସ୍ପାତ ସମୃଦ୍ଧ ଜିଲାରେ ପରିଣତ କରିବା ନେଇ ଆଶା ଦେଖାଇଥିଲେ। କିନ୍ତୁ ଅଦ୍ୟାବଧି ସେସବୁ ଆଶା ପୂରଣ ହୋଇ ପାରିନାହିଁ। ଇସ୍ପାତ ଜିଲାର ମାନ୍ୟତା ଅଧୁରା ହୋଇ ରହିଯାଇଛି।

ଖଣିଜପଥରର ସୁବିନିଯୋଗ ପାଇଁ ଜିଲାରେ ରାଉରକେଲା ପରେ ଦ୍ୱିତୀୟ ଇସ୍ପାତ କାରଖାନାର ପ୍ରତିଷ୍ଠା ଲାଗି ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କ ସ୍ୱପ୍ନ ଥିଲା। ଏହାକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲାରେ ଏଭଳି କାରଖାନା ପ୍ରତିଷ୍ଠା ପାଇଁ କମ୍ପାନୀଗୁଡ଼ିକ ସହିତ ଚୁକ୍ତିନାମା ସ୍ୱାକ୍ଷର କରିବା ସହିତ ଚାଲିଥିବା ବହୁ ଖଣିଭିତ୍ତିକ ଶିଳ୍ପଗୁଡ଼ିକୁ ସମ୍ପ୍ରସାରଣ କରି ଇସ୍ପାତ ଉତ୍ପାଦନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଜିଲାରେ ୧୨,୫୦୨ କୋଟି ମୂଲ୍ୟର ଏକ ଇସ୍ପାତ କାରଖାନା ପ୍ରତିଷ୍ଠା ସକାଶେ ୨୦୦୪ ଅକ୍ଟୋବର ୧୫ରେ ରାଜ୍ୟ ସରକାର ଓ ଷ୍ଟେରଲାଇଟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ସେହିପରି ୪୦ ହଜାର କୋଟି ଟଙ୍କା ବ୍ୟୟରେ ଜିଲାର ପାଟଣା ବ୍ଲକରେ ଷ୍ଟିଲ୍ ପ୍ଲାଣ୍ଟ କରିବାକୁ ୨୦୦୬ ଡିସେମ୍ବର ୨୧ରେ ଆର୍ସେଲର ମିତ୍ତଲ ସହ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଷ୍ଣୁପାଳଠାରେ ୭,୯୯୭ କୋଟି ମୂଲ୍ୟର କାରଖାନା ପ୍ରତିଷ୍ଠା ପାଇଁ ୨୦୦୬ ଅକ୍ଟୋବର ୧୩ରେ ଉତ୍ତମ ଗାଲ୍‌ଭା କମ୍ପାନୀ ସହ ରାଜ୍ୟ ସରକାର ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଗୋଟିଏ ହେଲେ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ହୋଇପାରିଲା ନାହିଁ। ବରଂ ଏଠାରେ ଓଡ଼ିଶା ସ୍ପଞ୍ଜ ଲୁହା ଓ ଇସ୍ପାତ କାରଖାନା, କୁସୁମ ପାୱାରମେଟ, ଶ୍ରୀଗଣେଶ ମେଟାଲିକ୍ସ, ଶ୍ରୀଜଗନ୍ନାଥ ମେଟାଲିକ୍ସ, କଳିଙ୍ଗ ଲୁହା କାରଖାନା, ଶ୍ରୀ ମେଟାଲିକ୍ସ , କ୍ରାକର୍ସ ଇଣ୍ଡିଆ, ରଶ୍ମି ମେଟାଲିକ୍ସ ଭଳି ବହୁ ମଧ୍ୟମ ଧରଣର ଶିଳ୍ପ ବନ୍ଦ ହୋଇଯିବା ଫଳରେ ହଜାର ହଜାର ଶ୍ରମିକ କାମଧନ୍ଦା ହରାଇଲେ। ଏପରିକି ଖଣି ମହାଦୁର୍ନୀତିର ତଦନ୍ତ ବେଳେ ବେଆଇନ କାର୍ଯ୍ୟ କରିଥିବା ଖଣି ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ସେମାନଙ୍କୁ ପୁଣି ଖଣି କାମ କରିବାକୁ ସୁଯୋଗ ଦିଆଯିବା ନେଇ ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି କରିଛି।



“ ଖଣି ଖନନ ବା ବ୍ୟବସାୟ କରୁଥିବା କମ୍ପାନୀଗୁଡ଼ିକ କାରଖାନା ଆଳରେ ବେନିଫିସିସେନ ପ୍ଲାଣ୍ଟ, ସ୍ପଞ୍ଜ ପ୍ଲାଣ୍ଟ, ବଡ଼ ବଡ଼ କ୍ରଶର ପ୍ରତିଷ୍ଠା କରି ବାଃ ବାଃ ନେଉଛନ୍ତି।
**-ଅମରବର ଖଟୁଆ, ବରିଷ୍ଠ ସାମାଜିକ କର୍ମୀ।**



“ କେତେକ କମ୍ପାନୀ କାରଖାନା ବସାଇ ଲୁହାପଥରକୁ ସଫା କରି ଏଠାରେ ମଇଳାକୁ ଛାଡ଼ି ସଫା ଲୁହାପଥରକୁ ଚାଲାଣ କରୁଛନ୍ତି। ଫଳରେ ସମଗ୍ର ଅଞ୍ଚଳ ମଇଳା ଆବର୍ଜନାରେ ଭର୍ତ୍ତି ହୋଇ ପରିବେଶ ପ୍ରଦୂଷିତ ହେଉଛି। ଜଷ୍ଟିସ ଶାହା କମିଶନ ଖଣିମହାଦୁର୍ନୀତିର ତଦନ୍ତ ବେଳେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରି ପଦକ୍ଷେପ ନେବାକୁ ଆଦେଶ ଦେଇଥିଲେ ହେଁ ସେସବୁ ପାଳନ ହେଉ ନାହିଁ।
**-କିରଣ ଶଙ୍କର ସାହୁ , ନାଗରିକ ମଞ୍ଚ ସଭାପତି।**



“ କମ୍ପାନୀଗୁଡ଼ିକ କଞ୍ଚା ପଇସା ପାଇବା ପାଇଁ ଲୁହାପଥର ଚାଲାଣ କରୁଛନ୍ତି। ସରକାର ଅଧିକ ରାଜସ୍ୱ ପାଇବେ ବୋଲି ଖଣିକୁ ପ୍ରାଧାନ୍ୟ ଦେଉଛନ୍ତି। କିନ୍ତୁ କେନ୍ଦୁଝରବାସୀଙ୍କ ହିତ ପାଇଁ ଶିଳ୍ପ ବା ବିକାଶକୁ କେହି ଗୁରୁତ୍ୱ ଦେଉନାହାନ୍ତି। ଏଣୁ ସମସ୍ତ ଭିତ୍ତିଭୂମି ଥାଇ କେବଳ ଅଧିକ ଲାଭ ଆଶାରେ ଏମ୍‌ଓୟୁ ସ୍ୱାକ୍ଷର କରି ଚୁପ୍ ବସୁଛନ୍ତି।
**-ବିଧାୟକ ମୋହନ ମାଝି, ବିରୋଧୀ ଦଳ ସଚେତକ।**

## ମହାକାଳୀ ବେଶରେ ମା’ ଭଦ୍ରକାଳୀ



ରବିବାର ମା’ ଭଦ୍ରକାଳୀଙ୍କ ମହାକାଳୀ ବେଶ।

**ଭଦ୍ରକ ଅଫିସ, ୧୫।୧୧**

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା’ ଭଦ୍ରକାଳୀଙ୍କ ସପ୍ତମାତୃକା ବେଶର ଦ୍ୱିତୀୟ ଦିନ ରବିବାର ମହାକାଳୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଆଦ୍ୟାଶକ୍ତି ମା’ ଭଦ୍ରକାଳୀ ମହାକାଳୀ ବେଶରେ ନାଲିପାଟ ବସ୍ତ୍ର ପରିଧାନ କରିବା ସହ ମୁଖମଣ୍ଡଳ ଥିଲା ଶ୍ୟାମଳ ବର୍ଣ୍ଣ। ମୁକ୍ତକେଶ, ରକ୍ତଜିହ୍ୱା ଏବଂ ହାତରେ ଖଡ୍‌ଗ ଓ ତ୍ରିଶୂଳ ଧାରଣ କରି ମୁଣ୍ଡମାଳରେ ମା’ ସାଜିଥିଲେ ଉଗ୍ରରୂପ। ମା’ ଭଦ୍ରକାଳୀ ପରମ ବୈଷ୍ଣବୀ ଓ ଜଗତ କଲ୍ୟାଣକାରୀ। ମା’ ନିଜ କୋଳରେ ବାଳ ଗୋପାଳଙ୍କ ବିଗ୍ରହକୁ ଧାରଣ କରି ସ୍ନେହମୟୀ ଓ ମଙ୍ଗଳମୟୀର ପରିଚୟ ଦେଇଛନ୍ତି। କାଳୀପୂଜା ସମୟରେ ସଂସାରରୁ ପାପର ବିନାଶ କରିବା ପାଇଁ ମନୁଷ୍ୟର ଗର୍ବ, ଅହଙ୍କାର ଓ ଆସୁରିକ ପ୍ରବୃତ୍ତିକୁ ବିନାଶ କରି ସତ୍ୟ ଧର୍ମର ବାର୍ତ୍ତା ଦେଇଛନ୍ତି ମା’ ଏହି ବେଶରେ। ପୀଠରେ ପ୍ରଶାସନିକ କଟକଣା କାରଣରୁ ୧୪୪ ଧାରା ଲାଗୁ କରାଯାଇଛି। ବିନା ଭକ୍ତରେ ମା’ଙ୍କ ବେଶ ଅନୁଷ୍ଠିତ ହେଉଛି।

## କୁଡୁମି ସମ୍ପ୍ରଦାୟର ‘ବନ୍ଦନା ପରବ’



କୁଡୁମି ସମ୍ପ୍ରଦାୟର ଲୋକମାନେ ଗୋଠାଣି ପୂଜା କରୁଛନ୍ତି।

**ଚମ୍ପୁଆ/ପାଟଣା/କେନ୍ଦୁଝର, ୧୫।୧୧(ଡି.ଏନ.ଏ./ସ୍ୱ.ପ୍ର.)**

କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ କାଳୀ ପୂଜା ଦୀପାବଳୀ ଗଣ ପର୍ବ ରୂପେ ପାଳିତ ହୁଏ। ୩ ଦିନ ଧରି ଧୁମ୍‌ଧାମ୍‌ରେ ଏହି ପର୍ବ ଉଲ୍ଲାସରେ ପାଳିତ ହୋଇଥାଏ। ଚମ୍ପୁଆରେ କୁଡୁମି ସମ୍ପ୍ରଦାୟର କୃଷିଭିତ୍ତିକ ପର୍ବ ‘ବନ୍ଦନା ପରବ’ ପାରମ୍ପାରିକ ରୀତିନିତି ଅନୁଯାୟୀ ଅନୁଷ୍ଠିତ ହୋଇଛି। ପ୍ରଥମ ଦିନରେ ଗୋଠାଣି ପୂଜା, ଦ୍ୱିତୀୟ ଦିନରେ ଗୁହାଳ ପୂଜା ଓ ତୃତୀୟ ଦିନରେ ବୁଢ଼ି ବନ୍ଦନା ତଥା ଗୋରୁ ନାଚ ଆଦି କରାଯାଉଥିବା ବେଳେ ସମ୍ପ୍ରଦାୟର ମହିଳା ମାନଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥାଏ। ପ୍ରଥମ ଦିନରେ ଗ୍ରାମରେ ଗୋରୁ ଗୋଠରେ ସମ୍ପ୍ରଦାୟର ବିଭିନ୍ନ ଲୋକଙ୍କ ଗୋରୁ ମାନଙ୍କୁ ନେଇ ଦେହୁରୀ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ଅଣ୍ଡାମଡା ଉତ୍ସବ ଅନୁଷ୍ଠିତ ହୋଇଥାଏ। ଯେଉଁ ବ୍ୟକ୍ତିର ଗୋରୁ ଅଣ୍ଡା ମାଡିଥାଏ ଉକ୍ତ ବ୍ୟକ୍ତିଙ୍କୁ ବର୍ଷରେ ସବୁଠାରୁ ଭାଗ୍ୟବାନ ଚାଷୀ ପରିଗଣିତ କରିବା ସହିତ ପୂଜକ ସମେତ କର୍ମକର୍ତ୍ତାମାନଙ୍କୁ ଉକ୍ତ ବ୍ୟକ୍ତି ଜଣକ ଭୋଜି ଭାତ ଦେଇଥାନ୍ତି। ଦ୍ୱିତୀୟ ଦିନରେ ଗୁହାଳରେ ଲିପାପୋଛା କରାଯାଇ ଗୃହର ଗୃହକର୍ତ୍ତା ଓ ମହିଳାମାନେ ଗୁହାଳ ଘରେ ନିଜ ଗୋସମ୍ପଦର ପୂଜାର୍ଚ୍ଚନା କରିଥାନ୍ତି। ଶେଷ ତଥା ତୃତୀୟ ଦିନ ମାଲିକମାନେ ନିଜ ନିଜ ଗୋରୁକୁ ଏକତ୍ରିତ କରାଇ ପାରମ୍ପାରିକ ବାଦ୍ୟ ଓ ସଙ୍ଗୀତ ମାଧ୍ୟମରେ ଗୋରୁନଚା କାର୍ଯ୍ୟକ୍ରମ କରିଥାନ୍ତି। ଏହି ଉତ୍ସବ ପାଳନ ଅବସରରେ ସମ୍ପ୍ରଦାୟର ଯୁବକମାନେ ପାରମ୍ପାରିକ ଗୀତ ଗାଇ ନାଚଗୀତ କରିଥାନ୍ତି। କରୋନା ପାଇଁ ଚଳିତ ବର୍ଷ ଏହି ପର୍ବ ନିରାଡ଼ମ୍ବର ଭାବେ କେବଳ ପାରମ୍ପାରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଛି।

## ୧୭ ଗାଡ଼ି ଜବତ: ୫ ଗିରଫ

**ରେମୁଣା, ୧୫।୧୧(ଡି.ଏନ.ଏ.)**

ବାଲେଶ୍ୱର ଶିଳ୍ପାଞ୍ଚଳ ପୋଲିସ ଚୋରି ହୋଇଥିବା ଗୋଟିଏ ବୋଲେରୋ ଖୋଜୁ ଖୋଜୁ ୧୭ଟି ଗାଡି ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତ ୫ ଯୁବକଙ୍କୁ ଗିରଫ କରାଯାଇଥିବା ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ମୀନତି ବିଶ୍ୱାଳ ସୂଚନା ଦେଇଛନ୍ତି।

ଶିଳ୍ପାଞ୍ଚଳ ଥାନା ଅଧୀନ ଶ୍ରୀକୃଷ୍ଣପୁର ତାରିଣୀ ମନ୍ଦିର ନିକଟରେ ଉମାକାନ୍ତ ବେହେରା ତାଙ୍କ ବୋଲେରୋକୁ ସନ୍ଧ୍ୟାରେ ରଖିଥିଲେ। ସକାଳେ ସେଠାରେ ବୋଲେରୋ ନ ଥିବା ଦେଖି ଉମାକାନ୍ତ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସମ୍ପର୍କରେ ତନାଘନା ଆରମ୍ଭ କରିଥିଲା। ଥାନା ଅଧିକାରୀ ମୀନତି ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଚୋରଙ୍କୁ ଧରାଯିବା ପରେ ସେମାନଙ୍କ ସୂଚନା ଅନୁଯାୟୀ ସହଦେବଖୁଣ୍ଟା, ଟାଉନ, ସୋର, ବସ୍ତା ଓ ଭଦ୍ରକ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ଗାଡ଼ିଗୁଡ଼ିକ ଉଦ୍ଧାର କରାଯାଇଥିଲା। ଗିରଫ ୫ଜଣ ହେଲେ ଶିଳ୍ପାଞ୍ଚଳ ଥାନା ଅଚ୍ୟୁତପୁରର ବିଜୟ ବେହେରା, ଗଣେଶ୍ୱରପୁରର ଅନନ୍ତଜ୍ୟୋତି ଦ୍ୱିବେଦୀ, ରେମୁଣା ଥାନା ଅଧୀନ ଗୋବିନ୍ଦପୁରର ସୁକୁମାର ଜେନା, ଖରିଦମୁଖୁରାର ବିକାଶ ସ୍ୱାଇଁ ଏବଂ ସଦର ଥାନା ଅଧୀନ ମେଘଡମ୍ବରୁର ମଦନ ବେହେରା।

## ଖାଁ ଖାଁ ପୂଜା ମଣ୍ଡପ



ବ୍ଲକ ରୋଡ୍ କାଳୀ ମେଢ଼।

**ବାସୁଦେବପୁର,୧୫।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଐତିହାସିକ କାଳୀପୂଜା ଚଳିତବର୍ଷ କରୋନା ପାଇଁ ଫିକା ପଡ଼ିଛି। ପ୍ରତିବର୍ଷ କାଳୀପୂଜା ବହୁ ଆଡ଼ମ୍ବରରେ ପାଳନ କରାଯାଇଥାଏ। ରାସ୍ତାଘାଟ ରଙ୍ଗବେରଙ୍ଗ ଆଲୋକ ମାଳାରେ ଝଲସିବା ସହ ମଣ୍ଡପ ନିକଟରେ ଲୋକଙ୍କ ଗହଳି ଲାଗିଥାଏ। କିନ୍ତୁ ଚଳିତ ବର୍ଷ ପୂଜା ମଣ୍ଡପ ଖାଁ ଖାଁ। କଟକଣା ଯୋଗୁ ଶ୍ରଦ୍ଧାଳୁଙ୍କୁ ବାରଣ କରାଯାଇଛି। ବାସୁଦେବପୁରର ୪ଟି ପୂଜା ମଣ୍ଡପ ପକ୍ଷରୁ କୋଭିଡ୍ ନିୟମ ପାଳନ କରାଯାଇଛି। ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ଓ ପୂଜା ଉପରେ ପ୍ରଶାସନର କଟକଣାକୁ ୪ ପୂଜା କମିଟି ଠିକ୍ ଭାବେ ପାଳନ କରିଥିବା ଦେଖିବାକୁ ମିଳିଛି। କେବଳ ପରମ୍ପରା ଓ ପୂଜା ବିଧି ରକ୍ଷା ପାଇଁ ଶନିବାର ମଧ୍ୟରାତ୍ରୀଠାରୁ ମା’ କାଳୀଙ୍କ ପୂଜା ବିଧି ମଣ୍ଡପରେ ଅନୁଷ୍ଠିତ ହୋଇଥିବା ବେଳେ ରବିବାର ସକାଳେ ଶେଷ ହୋଇଛି। କୌଣସି ପୂଜା ମଣ୍ଡପ ସାମ୍ନାରେ ତୋରଣ ଓ ଆଲୋକ ସଜା ମଧ୍ୟ ହୋଇନାହିଁ। ସର୍ବପୁରାତନ ଆମ କାଳୀ କମିଟି, ବ୍ଲକରୋଡ଼ ପୂଜା କମିଟି, ହାଇସ୍କୁଲ ଛକ ପୂଜା କମିଟି ଓ କଚେରି ବଜାର ପୂଜା କମିଟି ପକ୍ଷରୁ ଶନିବାର ସନ୍ଧ୍ୟା ପରେ କଳସ ବୁଡ଼ା ଯାଇ ମା’ କାଳୀଙ୍କ ବିଗ୍ରହ ପୂଜା ଆରମ୍ଭ ହୋଇଥିଲା।

## ଗର୍ଭବତୀଙ୍କୁ ବଳାତ୍କାର, ଯୁବକ ଗିରଫ

**ରାଇରଙ୍ଗପୁର,୧୫।୧୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଜନୈକା ୨୪ ବର୍ଷୀୟ ଗର୍ଭବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାବୁଲ୍ ସିଂହ। ଗତ ବୁଧବାର ଏହି ଘଟଣା ଘଟିଥିବା ଅଭିଯୋଗ ହୋଇଥିଲା। ଗର୍ଭବତୀ ଜଣକ ଗୁରୁତର ହୋଇପଡ଼ିବାରୁ ଚିକିତ୍ସା ପାଇଁ ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା ପରେ ଶନିବାର ସମ୍ପୃକ୍ତ ଯୁବକଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୪୬/୨୦) ରୁଜୁ ହେବା ସହ ଅଧିକ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ଜବାହରଲାଲ ନେହେରୁ, ବିର୍ସା ମୁଣ୍ଡାଙ୍କ ଜୟନ୍ତୀ

**ବାଲେଶ୍ୱର ଅଫିସ, ୧୫।୧୧**

ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏବଂ ସ୍ୱାଧୀନତା ସଂଗ୍ରାମୀ ଶହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ନିରାଡ଼ମ୍ବର ଭାବେ ପାଳନ କରାଯାଇଛି।

ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଏବଂ କେତେକ ଜନକଲ୍ୟାଣକାରୀ ସଂସ୍ଥା ତରଫରୁ ପଣ୍ଡିତ ଜବାହରଲାଲ ନେହେରୁଙ୍କର ଜୟନ୍ତୀ ପାଳନ କରାଯାଇଥିଲା। ସଂଘ ସାଧାରଣ ସମ୍ପାଦକ ବନମାଳୀ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଡା. ତାରାକାନ୍ତ ନନ୍ଦ, ଶଶାଙ୍କ ଶେଖର ଦତ୍ତ, ଯୋଗେଶ ଚନ୍ଦ୍ର ପ୍ରଧାନ, ଦୁକୁଲ ଚନ୍ଦ୍ର ଘଡ଼େଇ ପ୍ରମୁଖ ଉପସ୍ଥିତ ରହି ପଣ୍ଡିତ ନେହେରୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅନ୍ୟ ଏକ ସଂସ୍ଥା ‘ସହାୟକ’ ପକ୍ଷରୁ ଅସହାୟ ଓ ଗରିବ ଲୋକମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ସେହିପରି ବାଲେଶ୍ୱର ସହର ଉପକଣ୍ଠ ସିନ୍ଦୂରୀଠାରେ ଲବଣ ସତ୍ୟାଗ୍ରହ ରୋଡପାର୍ଶ୍ୱସ୍ଥ ଜଗନ୍ନାଥ ପବ୍ଲିକ ସ୍କୁଲ୍ ପରିସରରେ ଉଭୟ ମହାପୁରୁଷଙ୍କ ଜୟନ୍ତୀ ପାଳନ କରାଯାଇଛି। ଅନୁଷ୍ଠାନ ଉପସଭାପତି କବି ଶ୍ରୀଦେବଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପ୍ରତିଷ୍ଠାତା ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦିକା ଜୟନ୍ତୀ ପାଣିଗ୍ରାହୀ, ପବ୍ଲିକ୍ ସ୍କୁଲ ଅଧ୍ୟକ୍ଷ ରାମଚନ୍ଦ୍ର ଜେନା, ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ଘୋଷ, ଉପାଧ୍ୟକ୍ଷା ସରୋଜିନୀ ମିଶ୍ର ଓ ମୋନାଲିସା ପଣ୍ଡା, ଶିକ୍ଷୟିତ୍ରୀ ସସ୍ମିତା ଆଚାର୍ଯ୍ୟ, ମନ୍ଦାକିନୀ ରାଉତ ପ୍ରମୁଖ ଉପସ୍ଥିତ ରହି ଚାଚା ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରି ତାଙ୍କର ୧୩୧ତମ ଜୟନ୍ତୀ ସମ୍ପର୍କିତ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜ୍ଞାନପ୍ରକାଶ ପାଣିଗ୍ରାହୀ, ହରିହର ବେହେରା, ପ୍ରଣିତା ପାଣିଗ୍ରାହୀ, ରାଜଲକ୍ଷ୍ମୀ ବେହେରା, ମନ୍ମଥ ରାଉତ ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ।



ଜଗନ୍ନାଥ ପବ୍ଲିକ୍ ସ୍କୁଲ୍ ପରିସରରେ ଉଭୟ ମହାପୁରୁଷଙ୍କ ଜୟନ୍ତୀ ପାଳନ କରାଯାଉଛି।

## ‘ନୀଳଗିରି ଗଡ଼ଜାତ ହିଁ ପଥ ପ୍ରଦର୍ଶକ’

**ସଜନାଗଡ଼, ୧୫।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବଡ଼ଦାଣ୍ଡସ୍ଥିତ ଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ ଶନିବାର ନୀଳଗିରି ପୂଜ୍ୟପୂଜା କମିଟି ଆନୁକୂଲ୍ୟରେ ୭୪ତମ ଗଡ଼ଜାତ ମିଶ୍ରଣ ଦିବସ ରାଜ୍ୟ ସରକାରଙ୍କ କୋଭିଡ୍-୧୯ ନିୟମ ଅନୁସାରେ ପାଳିତ ହୋଇଯାଇଛି। ଉଦ୍‌ଘାଟକ ଭାବେ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗଦେଇ ସ୍ୱାଧୀନ ଭାରତବର୍ଷ ପାଇଁ ନୀଳଗିରି ଗଡ଼ଜାତ ହିଁ ପଥ ପ୍ରଦର୍ଶକ ବୋଲି ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ ଦାସ, ସମ୍ମାନିତ ବକ୍ତା ଭାବେ ଅଧ୍ୟାପକ ପ୍ରଦୀପ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ ନୀଳଗିରିର ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ ମଞ୍ଚାସୀନ ରହି ବକ୍ତବ୍ୟ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ, ଖବରଦାତା ଅମରେନ୍ଦ୍ର ମହାପାତ୍ର ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଏକ ସ୍ମରଣିକା ‘ଗଡ଼ଜାତ’ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।



ଗଡ଼ଜାତ ମିଶ୍ରଣ ଦିବସ ପାଳନ ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

### ନୀଳଗିରିରେ ଗଡ଼ଜାତ ମିଶ୍ରଣ ଦିବସ

ସେହିପରି ନୀଳଗିରି ପ୍ରଜାମଣ୍ଡଳ ସ୍ମୃତି ସୁରକ୍ଷା ସମିତି ଆନୁକୂଲ୍ୟରେ ଜେଲରୋଡ୍‌ସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଗଡ଼ଜାତ ମିଶ୍ରଣ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଗଡ଼ଜାତ ସ୍ୱାଧୀନ ଭାରତ ବର୍ଷରେ ସର୍ବପ୍ରଥମେ ସାମିଲ ହୋଇଥିବା ବେଳେ ଉକ୍ତ ଦିବସକୁ ମନେ ପକାଇବା ପାଇଁ ପାଳନ କରୁଥିବା ଆୟୋଜକ ତଥା କମିଟି ସଭାପତି ତଥା ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡଙ୍ଗୀଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ଡା. ଅନୀଲ ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟତମ ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା କୁଳମଣି ବାରିକ, ସମ୍ମାନୀତ ଅତିଥି ଭାବେ ସମାଜସେବୀ ସନ୍ତୋଷ ଖଟୁଆ, ଦୀପ୍ତିକାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

